ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୪ ସେପ୍ଟେମ୍ବର, ୨୦୨୩

**ବଳଦିଆବନ୍ଧ ସେକ୍ସନରେ ୩୦ ହାତୀ**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା ସଦର ରେଞ୍ଜ୍ ବଳଦିଆବନ୍ଧ ସେକ୍ସନରେ ସନ୍ଧ୍ୟାରେ ୩୦ ହାତୀ ପ୍ରବେଶ କରିଛନ୍ତି। ଏହି ହାତୀପଲ ବଳଦିଆବନ୍ଧ ସମେତ ମହୁଲପଡ଼ା, କୁରୁମଟାଙ୍ଗର ଏବଂ ଆଛନ୍ଦ ଗ୍ରାମ ମଧ୍ୟରେ ପଶିଥିବା ଜଣାପଡ଼ିଛି। ହାତୀପଲରେ ୧୮ଟି ହାତୀ କପିଳାସ ଅଭୟାରଣ୍ୟ ପଟରୁ ଓ ଆଉ କେତୋଟି ହାତୀ ପାର୍ବତୀପୁର ପଟରୁ ଆସିଛନ୍ତି। ଖବରପାଇ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀ ପଲଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ବୋଲି ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର ସୂଚନା ଦେଇଛନ୍ତି।



## ତୁରୁଡ଼ାରେ ସଫେଇ କାର୍ଯ୍ୟକ୍ରମ



ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଗ୍ରାମବାସୀ।

ବଇଣ୍ଡା,୨୩।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ତୁରୁଡ଼ା ଗ୍ରାମରେ ଶୁକ୍ରବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀ ତଥା ସରପଞ୍ଚ ଜିତେନ୍ଦ୍ର ସାହୁଙ୍କ ନେତୃତ୍ୱରେ ନିରଞ୍ଜନ ପ୍ରଧାନ, ପ୍ରଭାକର ସାହୁ, ବରୁଣ ସାହୁ, ସ୍ୱାଧୀନ ସାହୁ, ଧୋବେଇ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଅଂଶଗ୍ରହଣ କରି ଗ୍ରାମ ଚତୁଃପାର୍ଶ୍ୱ ସଫେଇ କରିଥିଲେ। ଗ୍ରାମର ପରିବେଶ କିଭଳି ସଫା ରହିବ ସେ ନେଇ ସମସ୍ତେ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା।

# ନଦୀରୁ ଉଠାଗଲା ଶୁଭ ମାଟି

■ନାମ ସଂକୀର୍ତ୍ତନ ମଧ୍ୟରେ ମାଟି ଅନୁକୂଳ କଲେ ମିନାବଜାର

■ପାରମ୍ପରିକ ବାଦ୍ୟ, ନୃତ୍ୟରେ ଶଗଡ଼ରେ ମାଟି ଆଣିଲା ଗଣେଶ ବଜାର

ଢେଙ୍କାନାଳ,୨୩।୯(ରତନ ନାୟାର)



ମାଟି ଅନୁକୂଳ ପୂର୍ବରୁ ନଦୀକୂଳରେ ପୂଜାର୍ଚ୍ଚନା କରାଯାଉଛି।

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ଆସନ୍ତା ଅକ୍ଟୋବର ୨୮ ତାରିଖ କାର୍ତ୍ତିକ ପୂର୍ଣ୍ଣମାରୁ ଆରମ୍ଭ ହେବ। ଏହା ୧୧ଦିନ ଧରି ଅନୁଷ୍ଠିତ ହେବ। ଏଥିପାଇଁ ସହରରେ ପ୍ରାରମ୍ଭିକ ପ୍ରସ୍ତୁତି ଜୋର୍ ଧରିଛି। ଶନିବାର ରାଧାଷ୍ଟମୀ ଅବସରରେ ସହରର ୩୯ଟି ଲକ୍ଷ୍ମୀପୂଜା ପ୍ରତିଷ୍ଠାନ ମଧ୍ୟରୁ ଶ୍ରୀଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମିନାବଜାର ଓ ଶ୍ରୀଶ୍ରୀ ସୌଭାଗ୍ୟଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ଗଣେଶ ବଜାର ପକ୍ଷରୁ ପାରମ୍ପରିକ ରୀତିରେ ବ୍ରାହ୍ମଣୀ ନଦୀ କୂଳରୁ ମାଟି ଅନୁକୂଳ କରାଯାଇଛି। ଅନ୍ୟ ୩୭ଟି ପୂଜା ପ୍ରତିଷ୍ଠାନ ଆସନ୍ତା ୨୬ ତାରିଖ ସୁନିଆଁ ପର୍ବ ଅବସରରେ ମାଟି ଅନୁକୂଳ କରିବେ।

ଶନିବାର ସକାଳେ ପ୍ରଥମେ ମିନାବଜାର ପୂଜା ପ୍ରତିଷ୍ଠାନ ମାଟି ଅନୁକୂଳ କରିଥିଲା। ବ୍ରାହ୍ମଣୀ ନଦୀ କୂଳରେ ପୂଜାର୍ଚ୍ଚନା ପରେ ଏହାର ସଦସ୍ୟ, କର୍ମକର୍ତ୍ତା ଓ ଅଞ୍ଚଳବାସୀ ମହିଳା ସଂକୀର୍ତ୍ତନମଣ୍ଡଳୀ ଓ ଘଣ୍ଟବାଦ୍ୟ ଶୋଭାଯାତ୍ରାରେ ଶୁଭ ମାଟିକୁ ପୂଜା ମଣ୍ଡପକୁ ଆଣିଥିଲେ। ପୂଜା ପ୍ରତିଷ୍ଠାନର ସଭାପତି ରବି ନାରାୟଣ ମହାନ୍ତି, କାର୍ଯ୍ୟକାରୀ ସଭାପତି ନିରୋଦ ସାହୁ, ସମ୍ପାଦକ ପୀତବାସ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଗଣେଶ ବଜାର ପୂଜା ପ୍ରତିଷ୍ଠାନ ଚଳିତବର୍ଷ ନିଜର ୭୫ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ଏହି ଅବସରରେ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ବ୍ରାହ୍ମଣୀ ନଦୀ କୂଳରେ ପୂଜାର୍ଚ୍ଚନା କରି ମାଟି ଅନୁକୂଳ କରିଥିଲେ। ଏକ ଶଗଡ଼ରେ ଶୁଭ ମାଟିକୁ ଶୋଭାଯାତ୍ରାରେ ମଣ୍ଡପ ଯାଏ ଆଣିଥିଲେ। ସହରସ୍ଥିତ ବାଜିଚୌକଠାରେ ପାରମ୍ପରିକ ବାଦ୍ୟ, ଘଣ୍ଟ, ଶଙ୍ଖ, ଗିନି ସହ ଦାଣ୍ଡିଆ, ଲଉଡିବାଡି ଓ ମହିଳା ସଂକୀର୍ତ୍ତନ ଦଳ ସହ ଶୋଭାଯାତ୍ରାକୁ ନେଇ ପୂଜା କମିଟି କର୍ମକର୍ତ୍ତାମାନେ ବେଶ୍ ଉତ୍ସାହିତ ଥିବା ଦେଖାଯାଇଥିଲା। ଏହାପରେ ମାଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ଆରମ୍ଭ ହେବ। ପୂଜା କମିଟି ପକ୍ଷରୁ ଅଧ୍ୟକ୍ଷ ଶେଖ ହୁସେନ, ସଭାପତି ବସନ୍ତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଶରତ କୁମାର ସାହୁ ଓ ସମ୍ପାଦକ ବିଶ୍ୱନାଥ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।







ଉଠାଯାଇଥିବା ଶୁଭ ମାଟିକୁ ଶୋଭାଯାତ୍ରାରେ ମଣ୍ଡପ ଯାଏ ନିଆଯାଉଛି।

## ନାରୀ ବିନା ସୁସ୍ଥ ସମାଜ ଗଠନ ଅସମ୍ଭବ





ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଢେଙ୍କାନାଳ,୨୩।୯(ରତନ ନାୟାର)

ଢେଙ୍କାନାଳ ସଦର ଗୋଷ୍ଠୀ ଅଧିକାରୀ ବ୍ରହ୍ମାନନ୍ଦ ରାଉତଙ୍କ ତତ୍ତ୍ୱାବଧାନରେ ଜ୍ଞାନପ୍ରଭା ମିଶନ୍ ଆନୁକୂଲ୍ୟରେ ଶନିବାର ଏକ ମହିଳା କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ସସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆୟୋଜକ ଜ୍ଞାନପ୍ରଭା ମିଶନ୍‌ର ସମ୍ପାଦକ ଶାରଦା ନନ୍ଦ ଯୋଗଦେଇ କହିଲେ, ନାରୀ ବିନା ଏକ ସୁସ୍ଥ ସମାଜ ଗଠନ ଅସମ୍ଭବ। ତେଣୁ ନାରୀ ନିଜେ ସୁସ୍ଥ ରହି ଏକ ସୁସ୍ଥ ସମାଜ ଗଠନ ଦିଗରେ ପ୍ରଚେଷ୍ଟା କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହାଇଟେକ୍ କଲେଜ୍‌ର ଆସୋସିଏଟ୍ ପ୍ରଫେସର କ୍ଷୀରାବ୍ଧି ତନୟା ଯୋଗଦେଇ ସ୍ତନକର୍କଟ ରୋଗର ଲକ୍ଷଣ, କାରଣ ଓ ନିରାକରଣ ଉପରେ ସଚେତନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମ୍ ହସ୍ପିଟାଲ୍‌ର ଆସୋସିଏଟ୍ ପ୍ରଫେସର ବିଶ୍ୱଜିତ୍ ନାୟକ ଯୋଗଦେଇ ଜରାୟୁ କର୍କଟ ରୋଗ ସମ୍ବନ୍ଧରେ ମତ ରଖିଥିଲେ। ତତ୍‌ସହିତ ଜଙ୍କ୍ ଫୁଡ୍‌ଠାରୁ ଦୂରେଇ ରହି ପୁଷ୍ଟିଯୁକ୍ତ ଓ ତନ୍ତୁ ଜାତୀୟ ଖାଦ୍ୟ ଗ୍ରହଣ, ଯୋଗ, ପ୍ରାଣାୟମ ଓ ବ୍ୟାୟାମ ନିୟମିତ ଅଭ୍ୟାସ ଦ୍ୱାରା ଆମ ଶରୀରକୁ ରୋଗମୁକ୍ତ ରଖିପାରିବା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକାୟୁକ୍ତ ଯୁଗ୍ମ ସଚିବ ବିଜୟଲକ୍ଷ୍ମୀ ଜେନା, ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସଦର ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ବିଇଓ ବ୍ରହ୍ମାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ୧ ହଜାର ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ

ଢେଙ୍କାନାଳ,୨୩।୯ (ରତନ ନାୟାର)

ଢେଙ୍କାନାଳ ଗଣେଶ ପୂଜା ଅବସରରେ ମିନାବଜାର ଜଗନ୍ନାଥ ରୋଡସ୍ଥିତ ମହାବୀର ୟୁଥ୍ କ୍ଲବ୍ ତରଫରୁ ଶନିବାର ଅନ୍ନ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ଅନ୍ନ, ଡାଲ୍‌ମା, ବଡ଼ିମୁଗଶାଗ, ଟମାଟୋ ଖଟା, ଖିରି ଓ ପୋଟଳ ବେସନ ତରକାରି ଆଦି ପ୍ରସାଦକୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ପ୍ରଦାନ କରାଯାଇଥିଲା। କ୍ଲବ ତରଫରୁ ୪୯ ବର୍ଷ ଧରି ଏହି ପୂଜା ଓ ପରମ୍ପରା ପାଳନ କରାଯାଇ ଆସୁଛି। ସଭାପତି ଜି. ପରମେଶ୍ୱର ରାଓ, ସମ୍ପାଦକ ବୀରବର ସାହୁ, ସଦସ୍ୟ ଦିଲ୍ଲୀପ ଖଟୁଆ, ଚିନ୍ତାମଣି ସାହୁ, ପ୍ରଭାତ ଦଳେଇ, ସୋମନାଥ ଦୋରା, ସନ୍ତୋଷ ଦୋରା ଓ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ମହାବୀର ୟୁଥ୍ କ୍ଲବ୍ ତରଫରୁ ପ୍ରସାଦ ବଣ୍ଟନ କରାଯାଉଛି।

## ବନ୍ଦେ ଭାରତକୁ ନେଇ ଅନୁଗୋଳରେ ଉତ୍ସାହ

ଅନୁଗୋଳ, ୨୩।୯ (ଅମିତ କୁମାର ସାମଲ)

ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍‌ର ରବିବାର ଶୁଭାରମ୍ଭ ହେବାକୁ ଥିବା ବେଳେ ଏହା ଅନୁଗୋଳ ଷ୍ଟେଶନ ଦେଇ ଚଳାଚଳ କରିବ। ଫଳରେ ଏହାକୁ ନେଇ ଅନୁଗୋଳର ରେଳଯାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏହି ଟ୍ରେନ୍ ଅନୁଗୋଳର ୨ଟି ଷ୍ଟେଶନରେ ରହଣି କରିବ। ପ୍ରଥମେ ବନ୍ଦେ ଭାରତ ଏକ୍ସପ୍ରେସ୍ ଅପରାହ୍ନ ୨ଟା ୩୨ ମିନିଟରେ ତାଳଚେର ରୋଡ୍ ଷ୍ଟେଶନ ଠାରେ ପହଞ୍ଚିବ। ସେଠାରେ ଷ୍ଟପେଜ କରିବା ପରେ ଏହା ଅନୁଗୋଳ ଅଭିମୁଖେ ଯିବ। ଅନୁଗୋଳ ଷ୍ଟେଶନରେ ଅପରାହ୍ନ ୨ଟା ୪୨ରେ ପହଞ୍ଚି ମାତ୍ର ଗୋଟିଏ ମିନିଟ୍ ଅଟକିବ। ଅପରାହ୍ନ ୨ଟା ୪୩ ମିନିଟ୍‌ରେ ଏହା ଅନୁଗୋଳ ଷ୍ଟେଶନ ଛାଡ଼ିବ। କେରଜାଙ୍ଗ ଷ୍ଟେଶନ ଦେଇ ଏହି ଏକ୍ସପ୍ରେସ୍ ଅପରାହ୍ନ ୩ଟାରେ ରେଢ଼ାଖୋଲ, ସମ୍ବଲପୁର ସିଟି, ଝାରସୁଗୁଡ଼ା, ରାଜଗାଙ୍ଗପୁର ପରେ ରାଉରକେଲା ଅଭିମୁଖେ ଯାତ୍ରା କରିବ।

## ସମସ୍ତ ଓଡ଼ିଆଙ୍କୁ ସାମିଲ ହେବାକୁ ଆହ୍ୱାନ

**ଓଡ଼ିଆ ସାକ୍ଷର ସଂକଳ୍ପ ଦିବସ**

ଢେଙ୍କାନାଳ,୨୩।୯(ରତନ ନାୟାର)



ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଆ ସାକ୍ଷର ସଂକଳ୍ପ ଦିବସ ପାଳନ କରାଯାଉଛି।

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଓଡ଼ିଆ ସାକ୍ଷର ସଂକଳ୍ପ ଦିବସ ପାଳିତ ହୋଇଯାଇଛି। ନୀଳଶୈଳ, ବିଶ୍ୱ ଓଡ଼ିଆ ସମ୍ମିଳନୀ ଓ ରାଜକିଶୋର ରାଜ ସ୍ମୃତି ସଂସଦ ଆହ୍ୱାନ କ୍ରମେ ସମଗ୍ର ଦେଶରେ ଏହି ସାକ୍ଷର ସଂକଳ୍ପ ଦିବସ ପାଳିତ ହେଉଛି। ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ମାର୍ଗ ଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର ଯୋଗଦେଇ କହିଲେ ଯେ, ନୀଳଶୈଳ ଓ ବିଶ୍ୱ ଓଡ଼ିଆ ସମାଜ ସଭାପତି ଡ. ମୁରଲୀ ମନୋହର ଶର୍ମା ଏବଂ ସାଧାରଣ ସମ୍ପାଦକ ବିଭୁ ପ୍ରସାଦଙ୍କ ଆହ୍ୱାନରେ ଓଡ଼ିଶାର ପୁରାତନ ଭାଷା, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ନୀଳଶୈଳ ପକ୍ଷରୁ ଆୟୋଜିତ ସାକ୍ଷର ସଂକଳ୍ପ ଦିବସରେ ସମସ୍ତେ ଭାଗନେଇ ଓଡ଼ିଆରେ ଦସ୍ତଖତ କରି ସେପ୍ଟେମ୍ବର ୨୨ ସାକ୍ଷର ସଂକଳ୍ପ ଦିବସକୁ ଏକ ଗଣପର୍ବରେ ପରିଣତ କରିଛୁ। ତେଣୁ ଦେଶ, ବିଦେଶରେ ଥିବା ଓଡ଼ିଆମାନେ ଗୋଟିଏ ଦିନ ଓଡ଼ିଆରେ ଦସ୍ତଖତ କରିବା ସହିତ ନିଜ ପିଲାମାନଙ୍କୁ ପ୍ରବର୍ତ୍ତାଇ ଏହି ଆନ୍ଦୋଳନରେ ସାମିଲ କରିବାକୁ ଶିକ୍ଷକ ମିଶ୍ର ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ, ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁ ଓ ଉପସଭାପତି ସୁପ୍ରଭା ସ୍ୱାଇଁ, ସଦସ୍ୟା ଝରଣା ପାତ୍ର, ମିନା ନାୟକ, ସୀମାରାଣି ସାହୁ, ପ୍ରଭାସିନୀ ସାହୁ, ବିଜୟଲକ୍ଷ୍ମୀ ଜେନା, ଲକ୍ଷ୍ମୀକାନ୍ତ ଜେନା, ଦିଲାବର ହୁସେନ, ବୀର ନାୟକଙ୍କ ସମେତ ପୂର୍ବତନ ଶିକ୍ଷକ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, ସଚ୍ଚିଦାନନ୍ଦ ତ୍ରିପାଠୀ, ସୁରେଶ କୁମାର ପଣ୍ଡା, ସୁବାସ କୁମାର ନନ୍ଦ, ଅକ୍ଷୟ ପଣ୍ଡା, ଶିକ୍ଷାବିତ ନିର୍ମଳ ସୁନ୍ଦର ମିଶ୍ର, ବିଶିଷ୍ଟ କ୍ରୀଡ଼ା ଘୋଷକ ଅମୀୟ କୁମାର ଚାନ୍ଦ ପ୍ରମୁଖ ମାତୃଭାଷାରେ ଟେକ୍ ରଖିବା ପାଇଁ ଶପଥ ନେବା ସହିତ ଓଡ଼ିଆରେ ଦସ୍ତଖତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନିତାବାଳା ଷଡ଼ଙ୍ଗୀ, ସ୍ୱାଗତିକା ରଥ, ସୁଜାତା ପଣ୍ଡା, ସୁଚିତ୍ରା ସାହୁ, କିରଣମୟୀ ମହାଳିକ, କଲ୍ୟାଣୀ ବଡଜେନା, ଅନୁପମା ପଣ୍ଡା, କ୍ଷୀରାବ୍ଧି ତନୟା ମହାପାତ୍ର, ସ୍ମିତାସୁଧା ଜେନାଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଶେଷରେ ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର ଓ ଶିକ୍ଷକ ଦୀପ୍ତିଶ କୁମାର ଶତପଥୀଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ରମାନେ ସାମୂହିକ ବନ୍ଦେ ଉତ୍କଳଜନନୀ ଗାନ କରିଥିଲେ।

## ଶେଷ ସନ୍ଧ୍ୟାରେ ୬୦ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼





ବଅଁରପାଳ,୨୩।୯(ଉପେନ୍ଦ୍ର ରାଉତ)

ନାଲ୍‌କୋନଗର ବିଶ୍ୱକର୍ମା ପୂଜାର ଶୁକ୍ରବାର ଥିଲା ଶେଷ ସନ୍ଧ୍ୟା। ଅନ୍ତିମ ଦିବସରେ ପ୍ରାୟ ୬୦ ହଜାର ଶ୍ରଦ୍ଧାଳୁ ପୂଜା ବୁଲିଥିଲେ। ଚଳିତ ବର୍ଷ ନାଲ୍‌କୋରେ ୨୦ଟି ମେଢ ପୂଜା ପାଇଥିଲେ। ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁସଜ୍ଜିତ ମେଢ, ଦୋଳି, ମୀନାବଜାର ଓ ପଲିଶ୍ରୀ ମେଳା ଦେଖିବାକୁ ପ୍ରବଳ ଭିଡ ଜମିଥିଲା। ୭ ଦିନ ମଧ୍ୟରେ ମେଳାରେ ୩ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡିଛି। ଏହି ମେଳାରେ ୫୦୦ରୁ ଊର୍ଦ୍ଧ୍ୱ ଦୋକାନ ବଜାର ପଡିଥିଲା। ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ। ୨୦ ମଣ୍ଡପରୁ ୭ ପୂଜା ଅନୁଷ୍ଠାନ ପକ୍ଷରୁ ଭସାଣି କାର୍ଯ୍ୟକ୍ରମ କରାଯିବ। ଅପରାହ୍ନରେ ଅତିଥି ନିବାସ ନିକଟରୁ ପ୍ରଭୁଙ୍କୁ ଶୋଭାଯାତ୍ରା ନିଆଯାଇ ନାଲ୍‌କୋନଗର ପରିକ୍ରମା କରାଯିବ। ପରେ ପଟଲାଇନ, କାଷ୍ଟହାଉସ ଏ, କାଷ୍ଟ ହାଉସ ବି, ମୋବାଇଲ୍ ଇକ୍ୟୁପମେଣ୍ଟ, ରଡିଙ୍ଗଶପ, ବ୍ୟାକିଙ୍ଗ ଫରନେସ ଏବଂ ଠିକାଦାର ସଂଘ ପକ୍ଷରୁ ଶୋଭାଯାତ୍ରା କରାଯିବ ବୋଲି ସୂଚନା ମିଳିଛି।

## ନାମ ସଂକୀର୍ତ୍ତନରେ କମ୍ପିଲା ଗାଁ ଦାଣ୍ଡ





**ବିଦାୟ ନେଲେ ଗଜାନନ**

କାମାକ୍ଷାନଗର,୨୩।୯(ଅମଜାଦ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଇଶିଙ୍ଗା ଗ୍ରାମ ବଜରଙ୍ଗବଳି ୟୁଥ କ୍ଲବର ସଦସ୍ୟମାନେ ଶୁକ୍ରବାର ଏକ ନିଆରା ଢଙ୍ଗରେ ବିଘ୍ନବିନାଶକ ଗଣପତିଙ୍କ ଭସାଣି ଉତ୍ସବ ପାଳନ କରିଛନ୍ତି। ବ୍ୟାଣ୍ଡ ପାର୍ଟି, ଡିଜେ ସାଉଣ୍ଡ ପରିବର୍ତ୍ତେ କ୍ଲବର ସଦସ୍ୟମାନେ ନାମ ସଂକୀର୍ତ୍ତନ କରି ଅଗ୍ରପୂଜ୍ୟ ଗଜାନନଙ୍କୁ ବିଦାୟ ଦେଇଛନ୍ତି। ଫଳରେ ସମଗ୍ର ଗ୍ରାମ ପରିବେଶ ନାମ ସଂକୀର୍ତ୍ତନରେ ପ୍ରକମ୍ପିତ ହୋଇପଡିଥିଲା। ଏହି ଭସାଣି ଉତ୍ସବରେ ରାଧାକୃଷ୍ଣ କୀର୍ତ୍ତନମଣ୍ଡଳୀ, ସିଂହବାହିନୀ କୀର୍ତ୍ତନ ମଣ୍ଡଳୀ, ରାଧାମାଧବ ଭଜନମଣ୍ଡଳୀ, ହରପାର୍ବତୀ ମହିଳା ସଂକୀର୍ତ୍ତନମଣ୍ଡଳୀ, ଜୟଦୁର୍ଗା ମହିଳା ସଂକୀର୍ତ୍ତନ ମଣ୍ଡଳୀ ଆଦି ଆଧ୍ୟାତ୍ମିକ ଅନୁଷ୍ଠାନ ସାମିଲ ହୋଇଥିଲେ। ଯୁବପିଢିଙ୍କ ମନରେ ଆଧ୍ୟାତ୍ମିକତା ଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଥିବା ଶରତ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ନିଶାଠାରୁ ଯୁବପିଢିଙ୍କୁ ଦୂରେଇ ରଖିବା ଅନ୍ୟତମ ଉଦ୍ଦେଶ୍ୟ ବୋଲି କ୍ଲବର ସଭପତି ଶାନ୍ତନୁ ବେହେରା କହିଛନ୍ତି। ନାମସଂକୀର୍ତ୍ତନ ଦ୍ୱାରା ପରିବେଶ ଶୁଦ୍ଧ ହେବା ସହିତ ମନରେ ମଧ୍ୟ ଶୁଦ୍ଧ ବିଚାର ଆସିଥାଏ ବୋଲି ସମ୍ପାଦକ ବିଜୟ ସାହୁ କହିଛନ୍ତି। କୋଷାଧ୍ୟକ୍ଷ ବନ୍ଦନ ସାହୁ ପରିଚାଳନା କରିଥିଲେ। ସରପଞ୍ଚ ସନ୍ତୋଷ କୁମାର ସାହୁ ସଂଯୋଜକ ଦାୟିତ୍ୱ ତୁଲାଇଥିଲେ।



ଅନୁଗୋଳ ହୁଲୁରିସିଂହ ଆଲମ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ।



ମହାବୀର ୟୁଥ୍ କ୍ଲବ, ଜଗନ୍ନାଥରୋଡ।



ବାଜିରାଉତ କ୍ଲବ ବାଜିଚୌକ।



ଡାଇମଣ୍ଡ କ୍ଲବ ଲକ୍ଷ୍ମୀବଜାର।

